# ସ୍ୱନକ୍ଷତ୍ରର ଅନୁଚିନ୍ତା

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

‘ସମ୍ବାଦ’କୁ ୩୨ ପୂରି ୩୩ ଚାଲିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ମଧ ୮୦ ବର୍ଷ ହେଲା। ଆଉ ୨୦ ବର୍ଷ ପରେ ଓଡ଼ିଶା ତା’ର ଶତବାର୍ଷିକୀ ପାଳନ କରିବ। ଏ ବର୍ଷର ସ୍ୱନକ୍ଷତ୍ର ବିଶେଷାଙ୍କର ବିଷୟବସ୍ତୁ ସେଇଥିପାଇଁ ‘ଓଡ଼ିଶା-୨୦୩୬: ଆହ୍ୱାନ ଓ ସମ୍ଭାବନା’ ରଖାଯାଇଛି। ବିଭିନ୍ନ କ୍ଷେତ୍ରର ଚିନ୍ତାନାୟକମାନେ ଏ ସମ୍ପର୍କରେ ତାଙ୍କର ମତ ଓ ମନ୍ତବ୍ୟ ରଖିଛନ୍ତି- ଯାହା ଆଜିର ବିଶେଷାଙ୍କରେ ସ୍ଥାନିତ ହୋଇଛି। ଆମେ ‘ଓଡ଼ିଶା-୨୦୩୬’ କଥା ଭାବିବା ବେଳକୁ ଆଜି ‘ସମ୍ବାଦ’ର ସ୍ୱନକ୍ଷତ୍ର ହୋଇଥିବାରୁ ‘ସମ୍ବାଦ-୨୦୩୬’ କଥା ସ୍ୱାଭାବିକ ଭାବେ ପ୍ରଥମେ ମନକୁ ଆସୁଛି। ୩୨ ବର୍ଷ ତଳେ ‘ସମ୍ବାଦ’ ଯେତେବେଳେ ଆତ୍ମପ୍ରକାଶ କଲା, ସେତେବେଳେ ଆମର ଅତୀତ ବୋଲି କିଛି ନଥିଲା। ସମ୍ଭାବନା ଯଥେଷ୍ଟ ଥିଲେ ବି ଆହ୍ୱାନକୁ ମୁକାବିଲା କରିହେବ ବୋଲି ଅନେକେ ବିଶ୍ୱାସ କରୁନଥିଲେ। ଆଜି ସ୍ୱନକ୍ଷତ୍ରରେ ‘ସମ୍ବାଦ’ର ଆବିର୍ଭାବ ଓଡ଼ିଶା ଗଣମାଧମ ଜଗତରେ ଅନେକଗୁଡ଼ିଏ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ଆଣିପାରିଛି ବୋଲି ଆମର ସତୀର୍ଥମାନଙ୍କଠାରୁ ଶୁଣି ଆମେ ଅତ୍ୟନ୍ତ ଆନନ୍ଦ ଓ ଗର୍ବ ଅନୁଭବ କରୁଛୁ। ତେବେ ଆସନ୍ତା ୨୦ ବର୍ଷର ଆହ୍ୱାନ ଓ ସମ୍ଭାବନା ସମ୍ପର୍କରେ ଚିନ୍ତା କଲାବେଳେ ଅନେକ ଆଶଙ୍କା ଓ ବିଷାଦ ଆମକୁ ଭାରାକ୍ରାନ୍ତ କରୁଛି।

‘ସମ୍ବାଦ’ର ସମ୍ପାଦକୀୟ ନୀତି ମୂଳରୁ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ରହିଛି। ଆସନ୍ତା ୨୦ ବର୍ଷରେ ଓଡ଼ିଶାର ଓ ‘ସମ୍ବାଦ’ର ଆହ୍ୱାନ ଓ ସମ୍ଭାବନା ମୋଟାମୋଟି ସମାନ। ସାମଗ୍ରିକ ଭାବେ ଓଡ଼ିଶା ସମ୍ପର୍କରେ ଆଲୋଚନା କଲାବେଳେ ଆମର ଗୋଟିଏ ପୁରୁଣା ଅଭ୍ୟାସ ରହିଛି। ଆମର ଅତୀତ ଗୌରବମୟ ଥିଲାବୋଲି ଆମେ କହୁ। ଶ୍ରୀଜଗନ୍ନାଥ, କୋଣାର୍କ ମନ୍ଦିର, ଉତ୍କଳୀୟ ଭାସ୍କର୍ଯ୍ୟ ଓ ନୌବାଣିଜ୍ୟକୁ ନେଇ ଆମେ ନିଜକୁ ଗୌରବାନ୍ୱିତ ମନେ କରିଥାଉ। ବର୍ତ୍ତମାନର ପ୍ରାକୃତିକ ସଂପଦକୁ ପ୍ରଦର୍ଶିତ କରି ଭବିଷ୍ୟତର ସ୍ୱପ୍ନ ଦେଖିଥାଉ। ଆମ ବିଚାରରେ ଅତୀତସର୍ବସ୍ୱ ଆଭିମୁଖ୍ୟ ଅନାସକ୍ତ ଆଲୋଚନା ପାଇଁ ଆଦୌ ସ୍ପୃହଣୀୟ ନୁହେ। ଅତୀତ ବିନା ଭବିଷ୍ୟତର କଳ୍ପନା କରିବା ମଧ ସମ୍ଭବ ନୁହେଁ। ତେବେ ଏଠି ଅତୀତକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପଡ଼ିବ। ଅତି ଅତୀତ ଓ ନିକଟ ଅତୀତ। ନିକଟ ଅତୀତକୁ ଏଡ଼େଇଯାଇ କୌଣସି ଭବିଷ୍ୟତର କଳ୍ପନା ବିଶ୍ୱାସଯୋଗ୍ୟ ହେବ ନାହିଁ। ନିକଟ ଅତୀତର ଅନୁଭବଗୁଡ଼ିକ ଆଜି ୨୦୩୬ କଥା ଚିନ୍ତା କରିବା ପାଇଁ ଆଦୌ ଉତ୍ସାହିତ କରୁନାହିଁ। ନିକଟ ଅତୀତରେ ଆମକୁ କୁହାଯାଉଥିଲା ରାଜନୈତିକ ଅସ୍ଥିରତା ଓଡ଼ିଶାର ପଛୁଆପଣ ପାଇଁ ମୁଖ୍ୟତଃ ଦାୟୀ। ୮୦ ଦଶକରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୩୬ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଆମେ ରାଜନୈତିକ ସ୍ଥିରତା ଭୋଗ କରିଛେ। ପ୍ରତି ନିର୍ବାଚନରେ କ୍ଷମତାସୀନ ଦଳ ସଂଖ୍ୟା ଦୃଷ୍ଟିରୁ ପୂର୍ବାପେକ୍ଷା ଅଧିକ ଜନସମର୍ଥନ ପାଇ କ୍ଷମତାକୁ ଆସିଛି। ଅଥଚ ବିଡ଼ମ୍ବନାର ବିଷୟ, ଓଡ଼ିଶାର ବିକାଶ ପାଇଁ ଏହି ଜନସମର୍ଥନକୁ ବିନିଯୋଗ କରାଯାଇ ପାରିନାହିଁ। ବିଗତ ଦଶନ୍ଧିଗୁଡ଼ିକରେ ସବୁ ବଡ଼ ପ୍ରକଳ୍ପ ସାଧାରଣ ଜନତାର ବିରୋଧ ଫଳରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏଥିରୁ କ’ଣ ବୁଝାପଡୁଛି? ଅଭାବ କେଉଁଠି ରହୁଛି? ରାଜନୈତିକ ଇଚ୍ଛାଶକ୍ତିରେ ନା ପ୍ରଶାସକୀୟ ପାରଦର୍ଶିତାରେ? ‘ଧନୀ ଓଡ଼ିଶାରେ ଗରିବ ଓଡ଼ିଆ’ ଏକ ଆକର୍ଷଣୀୟ ଶୀର୍ଷକ ହୋଇ ରହିଆସିଛି। ପୁଞ୍ଜି ଅଭାବରୁ ଓଡ଼ିଶାର ବିକାଶ ହୋଇ ପାରୁନଥିଲା। ଋଣ କଲେ ପରିଶୋଧର ସାମର୍ଥ୍ୟ ନଥିବାରୁ ଋଣଯନ୍ତାରେ ପଡ଼ିବାର ଆଶଙ୍କା ଆମ ବୁଦ୍ଧିଜୀବୀମାନଙ୍କୁ ଅଧିକ ପ୍ରଭାବିତ କରୁଥିଲା। ବର୍ତ୍ତମାନର ସରକାର ୧୮ ହଜାର କୋଟି ଟଙ୍କାର ଋଣବୋଝ କଥା କହି କ୍ଷମତାକୁ ଆସିଥିଲେ। ଆଜି ଓଡ଼ିଶାର ଋଣଭାର ୬୦ ହଜାର କୋଟି ଟଙ୍କା ଛୁଇଁଲାଣି। ୨୦୩୬ ବେଳକୁ ଅବସ୍ଥା କ’ଣ ହେବ ଚିନ୍ତା କରି ହେଉନାହିଁ।

ଓଡ଼ିଶା ଗୋଟିଏ କୃଷିପ୍ରଧାନ ଦେଶ ବୋଲି ପିଲାଦିନୁଁ ଆମେ ରଚନା ଲେଖି ଆସିଛୁ। ଚାଷଜମି ବିଗତବର୍ଷ ଗୁଡ଼ିକରେ ସଙ୍କୁଚିତ ହେବାରେ ଲାଗିଛି। ଜଳସେଚିତ ଜମିର ଭାଗ ଅନ୍ୟ ରାଜ୍ୟ ତୁଳନାରେ କମିଛି ପଛେ ବଢ଼ି ନାହିଁ। କୃଷିଋଣ, ସାର, ବିହନ ଓ ବିପଣନର ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଗତବର୍ଷର ଖରିଫ ଚାଷ ହାନି ବାବଦକୁ ମିଳିବାକୁ ଥିବା ବୀମାରାଶି ସରକାରୀ କଳର ଅପାରଗତା ଯୋଗୁଁ ଏ ପର୍ଯ୍ୟନ୍ତ ମିଳିନାହିଁ। ୨୫୦ରୁ ଅଧିକ ଚାଷୀ ଆତ୍ମହତ୍ୟା କରିଥିଲେ ମଧ ଏହାର ଚାଷ ସହିତ ସମ୍ପର୍କ ଅଛି ବୋଲି ସରକାର ମାନିବାକୁ ପ୍ରସ୍ତୁତ ନୁହନ୍ତି। କାରଣ ତିନିଜଣିଆ ଦୌଡ଼ରେ ତୃତୀୟ ହେଲାପରି ସରକାର ଜାତୀୟ ସ୍ତରରେ କୃଷି କର୍ମଣ ପୁରସ୍କାର ବାରମ୍ବାର ପାଉଛନ୍ତି। ଏଭଳି ପରିସ୍ଥିତିରେ ୨୦୩୬ ବେଳକୁ ଆମ ଚାଷୀଭାଇଙ୍କର ଅବସ୍ଥା କ’ଣ ହୋଇଥିବ କିଏ କହିପାରିବ?

ଓଡ଼ିଶାର ଲୋକସଂଖ୍ୟା ବର୍ତ୍ତମାନ ୪ କୋଟି ୨୦ ଲକ୍ଷରୁ ଅଧିକ। ଏଥିରୁ ୬୦ ଭାଗରୁ ଅଧିକ ସାକ୍ଷର ବୋଲି ସରକାର ଦାବି କରୁଛନ୍ତି। ଆମେ କିନ୍ତୁ ଏତେ ସଂଖ୍ୟକ ସାକ୍ଷରଙ୍କୁ ପାଠକ କରାଇବାରେ ସଫଳ ହୋଇନାହୁଁ। ଆମର ଶିକ୍ଷାବ୍ୟବସ୍ଥା ଯାହା, ଭବିଷ୍ୟତରେ ସେମାନଙ୍କୁ ପାଠକ କରାଇପାରିବୁ ବୋଲି ବିଶ୍ୱାସ ହେଉନାହିଁ। ୨୦ ବର୍ଷ ପରେ ଓଡ଼ିଶାର ଜନସଂଖ୍ୟା ଛଅ କୋଟିରେ ପହଞ୍ଚିବ। ସେଥିରୁ ୮୦ ଭାଗରୁ ଅଧିକ ସାକ୍ଷର ହୋଇଥିବେ ବୋଲି ବିଶ୍ୱାସ କରାଯାଉଛି। ପାଖାପାଖି ପାଞ୍ଚକୋଟି ମଧରୁ ୮୦ ଭାଗରୁ ଅଧିକ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଅକ୍ଷର ଚିହ୍ନିଥିବେ। ଆଜିର ଅଣ୍ଡାଯୁକ୍ତ ଓ ଦଣ୍ଡମୁକ୍ତ ଶିକ୍ଷା ବ୍ୟବସ୍ଥା ଯଦି ସଂସ୍କାରିତ ନହୁଏ, ତା’ହେଲେ ୨୦୩୬ ବେଳକୁ ଓଡ଼ିଶାର କୋଟି କୋଟି ଯୁବକ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ମାଡ଼ି ଆସିବେ। ଏମାନଙ୍କ ପାଖରେ କୌଣସି ପ୍ରକାରର ସାମର୍ଥ୍ୟ ନଥିବ। ଚାଷଜମି ଛାଡ଼ି ଏମାନେ ସହରାଞ୍ଚଳରେ ରାଜନେତାଙ୍କ ଭଡ଼ାଟିଆ କର୍ମୀ ହୋଇ କେବଳ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବେ। ଆମେ ସାମଗ୍ରିକ ଭାବେ ଯୁବକମାନଙ୍କର ଦେଶ ହେଉଛୁ ବୋଲି କୁହାଯାଉଛି। ଓଡ଼ିଶାରେ ମଧ ଯୁବକମାନଙ୍କର ସଂଖ୍ୟା ଆନୁପାତିକ ହାରରେ ଅଧିକ ଥିବ। କିନ୍ତୁ ପରିଶ୍ରମକାତର, ଅର୍ଦ୍ଧଶିକ୍ଷିତ, ସ୍ୱାସ୍ଥ୍ୟ ଓ ସାମର୍ଥ୍ୟହୀନ ଯୁବକମାନେ କେଉଁ କାମକୁ ଆସିବେ?

କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ଗୋଟିଏ ଜାତିର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ତିନିଟି କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ପଛୁଆ ଅଛି ବୋଲି ପରିସଂଖ୍ୟାନ କହୁଛି। ୨୦୩୬ ବେଳକୁ ଯଦି ଆମେ ଆହୁରି ପଛେଇଯିବା- ତେବେ କେଉଁ କୂଳକୁ ହେବା?

ଆମ ରାଜନୈତିକ ନେତୃବର୍ଗ ଏ ସମ୍ପର୍କରେ ବିଶେଷ ଚିନ୍ତିତ ଥିବା ପରି ମନେହେଉ ନାହାନ୍ତି। ଦଳ, ମତ ନିର୍ବିଶେଷରେ ପ୍ରତ୍ୟେକ ନେତା ସ୍ୱାଭାବିକ ଭାବରେ କେମିତି ନିର୍ବାଚନ ଜିତିବେ ସେଥିପାଇଁ ବ୍ୟସ୍ତ। ନିକଟ ଅତୀତରେ ନିର୍ବାଚନ ଜିତିବାର କୌଶଳଗୁଡ଼ିକ ବଦଳିବାରେ ଲାଗିଛି। ଆଜିର ନିର୍ବାଚନ ଅର୍ଥସର୍ବସ୍ୱ ହୋଇଯାଇଛି। ରାଷ୍ଟ୍ରକୃପା ଉପରେ ସମସ୍ତେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ମା’ ପେଟରେ ଛୁଆ ରହିବା ଦିନଠାରୁ ରାଷ୍ଟ୍ର ଦାୟିତ୍ୱ ନେବା ପାଇଁ ଆଗଭର। ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେବା ପାଇଁ ‘ମମତା’ରୁ ‘ହରିଶ୍ଚନ୍ଦ୍ର’ ଯାଏ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଭୋଟ୍ ହରାଇବା ଭୟରେ କୌଣସି ଦଳ ଏହାର ବିରୋଧ କରିବାକୁ ପ୍ରସ୍ତୁତ ନୁହନ୍ତି। ରାଷ୍ଟ୍ରକୃପା ବାଣ୍ଟିବାର ଏ କୌଶଳ ସମସ୍ତଙ୍କୁ ପାଗଳ କରିଛି। ଶେଷରେ ନିର୍ବାଚନ ଦିନ ସିଧାସଳଖ ଭୋଟ୍ ପିଛା ଦର ମୂଲାମୂଲି କରିବା ପାଇଁ କେହି ସଙ୍କୋଚ ମଧ କରୁ ନାହାନ୍ତି। ମୋଟାମୋଟି ଭାବେ ଭୋଟ୍ ଆଉ ଜିଣାଯାଉ ନାହିଁ, କିଣା ଯାଉଛି। ୨୦୩୬ ବେଳକୁ ଏ ପ୍ରବୃତ୍ତି ଯଦି ଅବ୍ୟାହତ ରହେ, ତା’ହେଲେ ଅବସ୍ଥା କ’ଣ ହେବ ଚିନ୍ତା କରି ହେଉନାହିଁ। ସବୁଠାରୁ ଦୁଃଖର କଥା, ‘ଚାଲ ଗରିବ ହେବା’ ଦୌଡ଼ରେ ଆମ ଓଡ଼ିଶାର ଶିକ୍ଷିତ ମଧବିତ୍ତମାନେ ମଧ ସାମିଲ ହୋଇ ଯାଇଛନ୍ତି। ତା’ ନ ହୋଇଥିଲେ ଆଜି ଆଠ ଲକ୍ଷରୁ ଉର୍ଦ୍ଧ୍ୱ ରେସନକାର୍ଡ ଫେରାଇବାର ନାଟକ ମଞ୍ଚସ୍ଥ ହୋଇ ନଥାନ୍ତା।

ମୂଳରୁ କହୁଥିଲି, ‘ସମ୍ବାଦ’ର ଅବସ୍ଥା ଆଉ ୨୦ ବର୍ଷ ପରେ କ’ଣ ହେବ, ଓଡ଼ିଶାକୁ ବାଦ୍‌ଦେଇ ଚିନ୍ତା କରାଯାଇ ନ ପାରେ। ଓଡ଼ିଆ ଲେଖି, ପଢ଼ି ପାରୁଥିବା ଯୁବକମାନେ ହେଲେ ଆମର ଗ୍ରାହକ। ‘ଗ୍ରାହକ ହିଁ ଭଗବାନ’ ନ୍ୟାୟରେ ଏମାନଙ୍କୁ ସେବା ଦେବା ଓ ପୂଜା କରିବା ଆମର ପରମ କର୍ତ୍ତବ୍ୟ। ପାଞ୍ଚକୋଟି ସାକ୍ଷର ଓଡ଼ିଆଙ୍କ ମଧରୁ ଚାରିକୋଟି ଓଡ଼ିଆ ଲେଖା, ପଢ଼ାରେ ବିଶ୍ୱାସ କରୁନଥିବେ। ବାକି ଏକ କୋଟି ଓଡ଼ିଆ, ଯେଉଁମାନେ ବେସରକାରୀ ମାଧମରେ ଶିକ୍ଷାଲାଭ କରିଥିବେ, ଆଧୁନିକ କାରିଗରି କୌଶଳର ପ୍ରଭାବରେ ଖବରକାଗଜ କିଣି ପଢ଼ିବାକୁ ଚାହିଁବେ ନାହିଁ। ସଦା ମହତ୍ତ୍ୱାକାଂକ୍ଷୀ ଏହି ମଧବିତ୍ତ ବର୍ଗର ଓଡ଼ିଆମାନେ କେତେବେଳେ କିପରି ଓଡ଼ିଶା ଛାଡ଼ି ଓଡ଼ିଶା ବାହାରେ ନିଜ ଭବିଷ୍ୟତର ସ୍ୱପ୍ନ ଦେଖିବାକୁ ଚାହୁଁଥିବେ। ଓଡ଼ିଶାରେ ଯେଉଁମାନେ ରହିଥିବେ, ଅଳ୍ପ ଅଳ୍ପ ଓଡ଼ିଆ ଜାଣିଥିଲେ ମଧ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ସେମାନଙ୍କ ଉପରେ କୌଣସି ଚାପ ନଥିବ। ସରକାର ମଧ ପ୍ରଶାସନରେ ଓଡ଼ିଆକୁ ବ୍ୟବହାର କରିବା ପାଇଁ ଆଦୌ ଇଚ୍ଛୁକ ନୁହନ୍ତି।

ଯେଉଁ ଭାଷାକୁ ନେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା, ତିନିବର୍ଷ ତଳେ ଯେଉଁ ଭାଷା ଜାତୀୟ ସ୍ତରରେ ଶାସ୍ତ୍ରୀୟ ମାନ୍ୟତା ପାଇଲା, ଶହେବର୍ଷ ପରେ ସେହି ଭାଷାକୁ ନା ବିଶିଷ୍ଟ ବର୍ଗ, ନା ସରକାର, ନା ସାଧାରଣ ଜନତା କେହି ବ୍ୟବହାର କରିବା ପାଇଁ ଇଚ୍ଛୁକ ଥିବେ। କାରଣ ଏ ଭାଷା ନା ରୋଜଗାର ଦେଉଥିବ, ନା ଏ ଭାଷାକୁ ଅବମାନନା କଲେ କୌଣସି ଦଣ୍ଡ ମିଳୁଥିବ। ବରଂ ଏ ଭାଷାର ଅବମାନନା ଏ ଜାତିକୁ ଶାସନ କରିବାର ପ୍ରଧାନ ଯୋଗ୍ୟତା ହୋଇଥିବ।

ଏଣୁ ସ୍ୱାଭାବିକ ଭାବରେ ‘ସମ୍ବାଦ’ ଆଜି ଆଶଙ୍କିତ। ଏ ଆଶଙ୍କା ଦୂର କରିବା ପାଇଁ ସବୁ ଶୁଭେଚ୍ଛୁ, ପୃଷ୍ଠପୋଷକମାନଙ୍କୁ ଆଜିର ସ୍ୱନକ୍ଷତ୍ରରେ ବିନମ୍ର ନିବେଦନ କରୁଛୁ।